# Call on Prime Minister by the Rt Hon Alok Sharma MP, COP26 President-designate

February 16, 2021

## ସିଓପି26 ଅଧ୍ୟକ୍ଷ ତଥା ମାନ୍ୟବର ସାଂସଦ ଆଲୋକ ଶର୍ମା ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି

**ଫେବୃଆରୀ 16, 2021**

26 ତମ ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ସିଓପି26) ର ଅଧ୍ୟକ୍ଷ ତଥା ମାନ୍ୟବର ସାଂସଦ ଆଲୋକ ଶର୍ମା ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ସିଓପି ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଜାତିସଂଘ ବ୍ୟବସ୍ଥା ସମ୍ମିଳନୀ (ୟୁଏନଏଫସିସିସି) ର ନିର୍ଣ୍ଣୟକାରୀ ସଂସ୍ଥା। ଏହାର 26 ତମ ଅଧିବେଶନ ନଭେମ୍ବର 2021 ରେ ଗ୍ଲାସଗୋଠାରେ ବ୍ରିଟେନ ପକ୍ଷରୁ ଆୟୋଜନ କରାଯିବ।

ସିଓପି26 ପୂର୍ବରୁ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଭାରତ-ବ୍ରିଟେନ ସହଭାଗିତା ଉପରେ ପ୍ରଧାନମନ୍ତ୍ରୀ ଏବଂ ଶ୍ରୀ ଆଲୋକ ଶର୍ମା ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ପ୍ୟାରିସ୍ ଚୁକ୍ତିନାମା ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇବା ସହିତ ସିଓପି26 ର ସଫଳ ପରିଣାମ ପାଇଁ ଗଠନମୂଳକ ଭାବେ କାର୍ଯ୍ୟ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ। ଡିସେମ୍ବର 2020 ରେ ଅନୁଷ୍ଠିତ ଜଳବାୟୁ ମହତ୍ୱାକାଂକ୍ଷା ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଶ୍ରୀ ଶର୍ମା ସ୍ମରଣ କରିଥିଲେ।

ଭାରତ-ବ୍ରିଟେନ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ବ୍ରିଟେନ ପ୍ରଧାନମନ୍ତ୍ରୀ ଶ୍ରୀ ବୋରିସ ଜନସନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

**ନୂଆଦିଲ୍ଲୀ**
**ଫେବୃଆରୀ 16, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.